1956ରେ ଓଡିଶା ଅଧିନିୟମ ସଂଖ୍ୟା-2

# ଓଡିଶା ଉନ୍ନତିମୂଳକ ଦେୟ ଅଧିନିୟମ, 1955

## ବିଷୟ ସୂଚୀ

ପ୍ରସ୍ତାବନା

ଧାରା


1. ସଂକ୍ଷିପ୍ତ ଶୀର୍ଷକ, ବିସ୍ତାର ଓ ପ୍ରାରମ୍ଭ ।
2. ସଂଜ୍ଞା ।
3. ବସାଣଯୋଗ୍ୟ ଉନ୍ନତିମୂଳକ ଦେୟ ।
4. ସେଚିତ କ୍ଷେତ୍ର ଓ ଉନ୍ନତିମୂଳକ ଦେୟ ଅଧୀନରେ ଥିବା ସେଚନ କ୍ଷେତ୍ରର ଅନୁସୂଚୀ ।
5. ଯୋଜନାର ପ୍ରକାଶନ ଏବଂ ମାଲିକ ଓ ସ୍ୱାର୍ଥଜଡିତ ବ୍ୟକ୍ତିଙ୍କୁ ସୂଚନା ।
6. ତଦନ୍ତ ଓ ନ୍ୟାୟ ନିର୍ଣ୍ଣୟ ।
7. ଉନ୍ନତିମୂଳକ ଦେୟର କିସ୍ତି ଭୂ-ରାଜସ୍ୱ ପରେ ଉନ୍ନତିମୂଳକ ଦେୟ ପ୍ରଦେୟ ହେବ ।
8. ନୂତନ ଭାବେ ପୁନରୁଦ୍ଧାର ହୋଇଥିବା ଜମି ଉପରେ ଉନ୍ନତିମୂଳକ ଦେୟ ।
9. ମାପିଂ ଓ ନିଲମ୍ବନ
10. ଅନ୍ୟ କୌଣସି ଦେୟ ପ୍ରଭାବିତ ହେବ ନାହିଁ ।
11. ଉନ୍ନତିମୂଳକ ଦେୟ ଦେବାକୁ ଦାୟୀ ବ୍ୟକ୍ତି ।
12. ଦାୟିତ୍ୱ ହସ୍ତାନ୍ତର ପାଇଁ ଆବେଦନ ।
13. ବକେୟା ଉନ୍ନତିମୂଳକ ଦେୟ ଆଦାୟ ପାଇଁ ଜମି ବିକ୍ରି ବିରୋଧରେ ସୁରକ୍ଷା ।
14. ଅପିଲ ।
15. ରାଜସ୍ୱ ପର୍ଷଦ ଦ୍ୱାରା ସଂଶୋଧନ ।
16. ଆଦେଶର ଚୂଡ଼ାନ୍ତତା ।
17. ଦେୱାନୀ ନ୍ୟାୟାଳୟର ଅଧିକାରିଣ ଉପରେ ପ୍ରତିବନ୍ଧକ ।
18. ହାନିର କ୍ଷତିପୂର୍ତ୍ତି ।
19. ଆଇନଗତ କାର୍ଯ୍ୟାନୁଷ୍ଠାନରୁ କ୍ଷତିପୂର୍ତ୍ତି ।
20. ରାଜସ୍ୱ ଓ କାନାଲ ଅଧିକାରୀଙ୍କ ଲୋକଙ୍କୁ ହାଜର ହେବା ପାଇଁ ସମନ କରିବା କ୍ଷମତା ।
21. ନିୟମାବଳୀ ପ୍ରଣୟନ କରିବା କ୍ଷେମତା ।
22. ଅସୁବିଧା ଦୂରିକରଣ କ୍ଷମତା ।

ଓଡ଼ିଶା ଅଧିନିୟମ 1956ରେ ସଂଖ୍ୟା-2

# ଓଡିଶା ଉନ୍ନତିମୂଳକ ଦେୟ ଅଧିନିୟମ, 1955

(1956 ଫେବୃଆରୀ 15ରେ ରାଜ୍ୟପାଳଙ୍କ ଦ୍ୱାରା ସମ୍ମତି ପ୍ରାପ୍ତ । ଓଡିଶା ଗେଜେଟର ଏକ ଅସାଧାରଣ ସଂସ୍କରଣରେ 1956 ଫେବୃଆରୀ 24ରେ ପ୍ରଥମେ ପ୍ରକାଶିତ)

ଓଡିଶା ରାଜ୍ୟର କେତେକ ଜମି ଉପରେ ଉନ୍ନତିମୂଳକ ଦେୟ ଆଦାୟ କରିବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ଏକ ଅଧିନିୟମ ।

ଯେହେତୁ ପ୍ରସ୍ତାବିତ ହୀରାକୁଦ ନଦୀବନ୍ଧ ପ୍ରକଳ୍ପ ଯୋଗୁଁ କେନେଲ ଦ୍ୱାରା ଉପକୃତ ହେବାକୁ ଥିବା ଜମି ଉପରେ ଏକ ଉନ୍ନତିମୂଳକ ଦେୟ ଲାଗୁ କର୍ବା ସମୀଚୀନ ଅଟେ ;

ଭାରତ ଗଣରାଜ୍ୟର ଷଷ୍ଠ ବର୍ଷରେ ଓଡିଶା ରାଜ୍ୟର ବିଧାନ ମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :-

ସଂକ୍ଷିପ୍ତ ଶୀର୍ଷକ ଏବଂ ପ୍ରାରମ୍ଭ ।

1. (1) ଏହି ଅଧିନିୟମଟି ଓଡିଶା ଉନ୍ନତିମୂଳକ ଦେୟ ଅଧିନିୟମ, 1955 ନାମରେ ଅଭିହିତ ହେବ।

(2) ଏହା ସମ୍ବଲପୁର, ବଲାଙ୍ଗୀର, ପୁରୀ ଓ କଟକ ଜିଲ୍ଲାରେ ବିସ୍ତାରିତ ।

(3) ଏହା ତତକ୍ଷଣାତ ଲାଗୁ ହେବ ।

ସଂଜ୍ଞା ।

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ ଏହି ଅଧିନିୟମରେ,-

(କ)"ଉନ୍ନତିମୂଳକ ଦେୟ" ଅର୍ଥ ହୀରାକୁଦ ନଦୀବନ୍ଧ ପ୍ରକଳ୍ପର ଜଳସେଚନ ଯୋଜନା ଅଧୀନରେ ଆସୁଥିବା ସେଚିତ ଜମି ଉପରେ ଧାରା 3 ଅନୁଯାୟୀ ଧାର୍ଯ୍ୟ କରାଯାଉଥିବା ଦେୟ;

(ଖ)"କେନାଲ ଅଧିକାରୀ" ଅର୍ଥଏହି ଅଧିନିୟମ ଉଦ୍ଦେଶ୍ୟରେ କେନାଲ ଅଧିକାରୀ ରୂପେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ନିର୍ବାହୀ ଯନ୍ତ୍ରୀ ପାହ୍ୟାର ଜଣେ ଅଧିକାରୀ ;

(ଗ)"ଉନ୍ନତିମୂଳକ ଦେୟ ସଂଗ୍ରାହକ" ଅର୍ଥ ଏହି ଅଧିନିୟମ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଜିଲ୍ଲାପାଳ ପାହ୍ୟାରୁ କମ ହୋଇନଥିବା ଜଣେ ଅଧକାରୀ ;

(ଘ) "ହୀରାକୁଦ ବନ୍ଧ ଜଳସେଚନ ପ୍ରକଳ୍ପ ଯୋଜନା", ଏହାପରେ 'ଯୋଜନା' ନାମରେ ଉଲ୍ଲିଖିତ – ଅର୍ଥ ହୀରାକୁଦ ଡ୍ୟାମ ପ୍ରକଳ୍ପ ଅଧୀନରେ ସମସ୍ତ କେନାଲ, ଶାଖା କେନାଲ, ଶାଖା ନଦୀ, ଛୋଟ ନଦୀ, ନଦୀ-ଧାର, ବନ୍ଧ, ଡ଼ାଙ୍ଗା, ଉଠା ଜଳସେଚନ ବ୍ୟବସ୍ଥା ଓ ଅନ୍ୟ ସମସ୍ତ ଏଭଳି ଆନୁଷଙ୍ଗିକ ବ୍ୟବସ୍ଥା ଯାହା ଜମିକୁ ଜଳସେଚନ କରିବା ପାଇଁ ତିଆରି କରାଯାଇଛି ଏବଂ ଏଥିରେ କଟକ ଜିଲ୍ଲାରେ ରହିଥିବା କେନାଲ ବ୍ୟବସ୍ଥାର ଉନ୍ନତି ଓ ସଂପ୍ରସାରଣ ଅନ୍ତର୍ଭୁକ୍ତ;

(ଙ)“ଜମି” ଅର୍ଥ ଯେଉଁ ଜମି କୃଷି ପାଇଁ ଉପଯୁକ୍ତ କିମ୍ବା ଯୋଜନା ଶେଷରେ ଚାଷ ଉଦ୍ଦେଶ୍ୟରେ ବ୍ୟବହାର ହୋଇପାରିବ;

(ଚ)“ସେଚିତ କ୍ଷେତ୍ର ଅଧୀନସ୍ଥ ଜମି” ଅର୍ଥ ଏହି ଯୋଜନା ଅନୁଯାୟୀ ଜଳସେଚିତ ବା ଜଳସେଚିତ ହେବା ପାଇଁ ସାମର୍ଥ୍ୟ ଥିବା ସେପରି ଜମି;

(ଛ) “ବିହିତ” ଅର୍ଥ ଏହି ଅଧିନିୟମ ଅଧୀନରେ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତ;

(ଜ)“ରାଜସ୍ୱ ଅଧିକାରୀ” ଅର୍ଥ ଏହି ଅଧିନିୟମ ଉଦ୍ଦେଶ୍ୟରେ ରାଜସ୍ୱ ଅଧିକାରୀ ରୂପେ ନିଯୁକ୍ତ ରାଜ୍ୟ ପ୍ରଶାସନିକ ସେବାର ଜଣେ ଅଧିକାରୀ;

(ଝ) “ସମ୍ବଲପୁର ଜୋନ” ଏବଂ “ଡେଲଟା ଜୋନ୍” ଅର୍ଥ ଯଥାକ୍ରମେ ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଅଞ୍ଚଳ ଏବଂ କଟକ ଓ ପୁରୀ ଜିଲ୍ଲା ଅନ୍ତର୍ଗତ ଅଞ୍ଚଳ;

(ଞ) କୌଣସି ଜମି ସମ୍ବନ୍ଧରେ “ଜମି ମାଲିକ”, “ରୟତ”, “ଦଖଲକାରୀ ରୟତ”ଏବଂ “ସେବାକାରୀ ରୟତ” ଶବ୍ଦର ଅର୍ଥ ଉକ୍ତ ଜମି ଯେଉଁ ଅଞ୍ଚଳରେ ଅବସ୍ଥିତ ଏହି ଅଧିନିୟମ ପ୍ରାରମ୍ଭ ହେବା ପୂର୍ବରୁ ସେଠାରେ ପ୍ରଚଳିତ ଆଇନରେ ଯେଉଁ ଅର୍ଥ ରହିଛି ତାହା ହେବ;

ସ୍ପଷ୍ଟୀକରଣ- ଏହି ଅଧିନିୟମର ଉଦ୍ଦେଶ୍ୟରେ, କୌଣସି ଭାରତୀୟ ରାଜ୍ୟର ଶାସକ କିମ୍ବା ତାଙ୍କର ସମ୍ପର୍କୀୟଙ୍କୁ ଜମିର ସ୍ୱତ୍ୱ ଦୃଷ୍ଟିରୁ ଦଖଲକାରୀ ରୟତ ଭାବେ ବିବେଚନା କରାଯିବ ଯାହାକି ସେ ନିଜେ କିମ୍ବା ତାଙ୍କର ସମ୍ପର୍କୀୟ କିମ୍ବା ତାଙ୍କଠାରୁ ଅସ୍ଥାୟୀ ଲିଜଧାରୀଙ୍କ ଦଖଲରେ ଥିବ ଏବଂ “ଏକ ଭାରତୀୟ ରାଜ୍ୟର ଶାସନ” ର ଅର୍ଥ ସମ୍ବିଧାନରେ ତାହାର ଯେଉଁ ଅର୍ଥ ଅଛି, ତାହା ହେବ ।

(ଟ) କଟକ, ପୁରୀ, ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲା ସମ୍ପର୍କରେ ଯାହା ସୂଚୀତ କରାଯାଇଛି ତାହା ଏହି ଅଧିନିୟମ ପ୍ରାରମ୍ଭ ହେବା ପୂର୍ବରୁ ଉକ୍ତ ନାମ ଦ୍ୱାରା ଜ୍ଞାତ କ୍ଷେତ୍ରଗୁଡିକ ପ୍ରତି ସୂଚନା ବୋଲି ପଢ଼ାଯିବ ଓ ଅର୍ଥ କରାଯିବ ।

ବସାଣଯୋଗ୍ୟ ଉନ୍ନତିମୂଳକ ଦେୟ ।

3.(1) ରାଜ୍ୟ ସରକାର ଏହି ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ସେଚିତ ଅଞ୍ଚଳରେ ଥିବା ସମସ୍ତ ଜମି ଉପରେ ଏକ ଉନ୍ନତିମୂଳକ ଦେୟ ଧାର୍ଯ୍ୟ କରିବା ପାଇଁ ହକଦାର ହେବେ ।

ସେଚିତ କ୍ଷେତ୍ର ଅଞ୍ଚଳରେ ଥିବା ଜମିଗୁଡିକୁ ସରକାର ଉପଯୁକ୍ତ ବର୍ଗରେ ବିଭାଜିତ କରିବେ ଓ ପ୍ରତ୍ୟେକ ବର୍ଗର ଜମି ମୋଟ ଉତ୍ପାଦନ ଆଧାରରେ ବାର୍ଷିକ ବୃଦ୍ଧି ଆକଳନ କରିବେ :

ପରନ୍ତୁ ବନ୍ଦୋବସ୍ତରେ ଗ୍ରହଣ କରାଯାଇଥିବା ବର୍ଗୀକରଣ ନୀତି ଅନୁସାରେ ଯେଉଁ ସବୁ ଜମି ସମାନ ବର୍ଗର ହୋଇଥିବ ଏବଂ ସେଗୁଡ଼ିକର ସେଚନ ସୁବିଧା ଅନୁସାରେ ଯୋଜନାରୁ ସମାନ ପରିମାଣର ସୁବିଧା ପାଇବା ଅବସ୍ଥିତିରେ ଥିବ, ସେଗୁଡ଼ିକୁ ସମାନ ବର୍ଗରେ ରଖାଯିବ :

ଅଧିକନ୍ତୁ ଗୋଟିଏ ବ୍ଲକରେ ଜଳସେଚନ ହେବା ପୂର୍ବରୁ ତିନିଟି କୃଷି ବର୍ଷର ହାରାହାରି ଅମଳ ମୂଲ୍ୟକୁ ବିଚାରକୁ ନେଇ ଆକଳନ କରାଯିବ ।

(2) ପ୍ରତି ବର୍ଗର ଜମିର ପୁଞ୍ଜି ମୂଲ୍ୟର ବୃଦ୍ଧି, ଉପଧାର-1 ଅନୁଯାୟୀ ଆକଳନ କରାଯାଇଥିବା ମୋଟ ଉତ୍ପାଦନର ବାର୍ଷିକ ବୃଦ୍ଧିର 10ଗୁଣ ବୋଲି ବିବେଚନା କରାଯିବ; ଏବଂ ସେପରି ବର୍ଗର ଜମି ସଂକ୍ରନ୍ତରେ ପ୍ରଦେୟ ଉନ୍ନତିମୂଳକ ଦେୟ, ପୁଞ୍ଜି ମୂଲ୍ୟରେ ଉକ୍ତ ବୃଦ୍ଧି ଓ ଜମିଗୁଡ଼ିକୁ ଉପଯୁକ୍ତ ଜଳସେଚନ ଯୋଗ୍ୟ କରିବା  ପାଇଁ ଆକଳିତ ମୂଲ୍ୟ ଭିତରେ ଯେଉଁ ପାର୍ଥକ୍ୟ ଆସିବ ତାର ଅଧା ହେବ :

ପରନ୍ତୁ ଯେଉଁ ଚାଷ ଜମି ପ୍ରଥମରୁ ଶୁଖିଲା ଚାଷ ଅଧିନରେ ରହୁଥିଲା ଓ ଯୋଜନାରୁ ଅଧିକ ଲାଭ ପାଇବା ପାଇଁ ଓଦା ଚାଷ ଅଧିନକୁ ଅଣାଗଲା, ସେହି ଜମିଗୁଡ଼ିକରେ ପୁଞ୍ଜି ମୂଲ୍ୟ ହିସାବ କରିବା ଉଦ୍ଦେଶ୍ୟରେ ଓଦା ଚାଷ ଓ ଶୁଖିଲା ଚାଷ ଭିତରେ ଆସୁଥିବା ଖର୍ଚ୍ଚର ପାର୍ଥକ୍ୟକୁ ବିହିତ ରୀତିରେ ହିସାବ କରାଯାଇ ଚାଷରେ ହେଉଥିବା ଉତ୍ପାଦନ ବୃଦ୍ଧିରୁ କଟାଯାଇ ହିସାବ କରାଯିବ ।

ସ୍ୱଷ୍ଟୀକରଣ- ଏହି ଅଧିନିୟମର ଉଦ୍ଦେଶ୍ୟରେ ଓଦା ଚାଷର ଖର୍ଚ୍ଚରେ ଜଳ ଦର ଅନ୍ତର୍ଭୁକ୍ତ ବୋଲି ବିବେଚନା କରାଯିବ ।

(3) କୌଣସି ବ୍ଲକକୁ ଜଳସେଚନ ଅଧୀନରେ ଅଣାଯିବା ପରେ ରଜ୍ୟ ସରକାର ବ୍ଲକର ପ୍ରତ୍ୟେକ ବର୍ଗର ଜମିର ଉନ୍ନତିମୂଳକ ଦେୟର ସଂଗ୍ରାହକଙ୍କୁ ଉନ୍ନତିମୂଳକ ଦେୟ ନିର୍ଦ୍ଧାରଣ କରିବା ପାଇଁ ନିର୍ଦ୍ଦେଶ ଦେବେ ।

(4) ବିହିତ ରୀତିରେ ଉପଯୁକ୍ତ ତଦନ୍ତ ପରେ ଉନ୍ନତିମୂଳକ ଦେୟ ସଂଗ୍ରାହକ ବିହିତ ରୀତିରେ ବଭିନ୍ନ ବର୍ଗର ଜମି ପାଇଁ ପ୍ରସ୍ତାବିତ ଉନ୍ନତିମୂଳକ ଦେୟ ସଂକ୍ରାନ୍ତରେ ତାଙ୍କ ପ୍ରସ୍ତାବ ପ୍ରକାଶ କରିବେ ଏବଂ ଅନୁମୋଦିତ ସମୟ ମଧ୍ୟରେ ପ୍ରାପ୍ତ ପରାମର୍ଶ ଓ ଆପତ୍ତିଗୁଡ଼ିକୁ ବିହିତ ରୀତିରେ ବିଚାର କରିବେ ଏବଂ ଶେଷରେ ପ୍ରତ୍ୟେକ ବର୍ଗର ଜମି ଉପରେ ଉନ୍ନତିମୂଳକ ଦେୟର ବିହିତ ରୀତିରେ ପ୍ରକାଶ କରିବେ । ଜିଲ୍ଲାପାଳ ଏହି ଉପଧାରା ଅଧୀନରେ କାର୍ଯ୍ୟ କରିବା ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ଜଣେ ବିଶେଷଜ୍ଞଙ୍କ ସହାୟତା ନେବେ ।

(5) ଉପଧାରା (4) ଅନୁଯାୟୀ ଉନ୍ନତିମୂଳକ ଦେୟ ସଂଗ୍ରାହକଙ୍କ ନିଷ୍ପତ୍ତି ଉପରେ ବିହିତ ପ୍ରାଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ସମୟ ଏବଂ ନିର୍ଦ୍ଧାରିତ ପ୍ରକ୍ରିୟାରେ ଅପିଲ କରାଯାଇ ପାରିବ । ଉକ୍ତ ଅପିଲ ଉପରେ ନିଷ୍ପତ୍ତିକୁ ବିହିତ ରୀତିରେ ଅଧିସୂଚିତ କରାଯିବ ।

(6) ଉପଧାରା (4) ଅନୁଯାୟୀ ଅଧିସୂଚିତ ଉନ୍ନତିମୂଳକ ଦେୟ ସଂକ୍ରାନ୍ତରେ ନିର୍ଦ୍ଧାରଣ, ଉପ-ଧାରା(5)ର ବ୍ୟବସ୍ଥା ମତେ ଅପିଲ କରିବାର ଅଧିକାର ପ୍ରତି ସାପେକ୍ଷ ହୋଇ ଚୂଡ଼ାନ୍ତ ହେବ ଓ ଜମି ଉପରେ ଅଧିକାର ଥିବା ସମସ୍ତଙ୍କ ପାଇଁ ଲାଗୁ ହେବ ଓ ଏହାକୁ ନ୍ୟାୟାଳୟରେ ପ୍ରଶ୍ନ କରାଯାଇପାରିବ ନାହିଁ ।

ସେଚିତ କ୍ଷେତ୍ର ଓ ଉନ୍ନତିମୂଳକ ଦେୟ ଅଧୀନରେ ଥିବା ସେଚନ ଜମିର ଅନୁସୂଚୀ ।

4. ଧାରା 3 ର ଉପଧାରା (1) ଅନୁୟାୟୀ ବିଭିନ୍ନ ବର୍ଗର ଜମିର ଘୋଷଣା କରି ଅଧିସୂଚନା ଜାରି କରାୟିବା ପରେ ଓ ସେଚିତ କ୍ଷେତ୍ର ମଧ୍ୟରେ ଥିବା କୌଣସି ଗ୍ରାମକୁ ଜଳସେଚନ ଅଧୀନକୁ ଅଣାୟିବା ପରେ ରାଜ୍ୟ ସରକାର ଏହି ଉଦ୍ଦେଶ୍ୟରେ ନିୟୁକ୍ତ ଏକ ବା ଏକାଧିକ ରାଜସ୍ୱ ଅଧିକାରୀଙ୍କ ସହ ପରାମର୍ଶ କ୍ରମେ ଉକ୍ତ ଗ୍ରାମ ବା ଗ୍ରାମଗୁଡିକ ନିମନ୍ତେ ୟେଉଁ ଜମି ଖଣ୍ଡ ବର୍ଗୀକରଣ କରାୟିବ ସେଗୁଡିକୁ ଓ କେଉଁ ବ୍ୟକ୍ତିମାନଙ୍କ ଠାରୁ ତାହା ଅସୁଲ କରାୟିବ ତାହାର ଏକ ଅନୁସୂଚୀ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେବେ :

ପରନ୍ତୁ ଏହି ଅଧିନିୟମ ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଅଧିକାରୀ ବା କେନାଲ ଅଧିକାରୀ, ୟଥାସ୍ଥିତି, ଙ୍କ ଅଧିକାରିତା, କ୍ଷମତା ଓ କର୍ତ୍ତବ୍ୟ ନିର୍ଦ୍ଧାରଣ କରିବେ ।

ୟୋଜନାର ପ୍ରକାଶନ ଓ ମାଲିକ ଓ ସ୍ୱାର୍ଥଜଡିତ ବ୍ୟକ୍ତିମାନଙ୍କୁ ନୋଟିସ୍ ।

5.(1) ଧାରା 4 ଅନୁୟାୟୀ ପ୍ରସ୍ତୁତ ହୋଇଥିବା ଅନୁସୂଚୀ ସରକାରୀ ଗେଜଟରେ ଓ ବିହିତ ହେବା ମତେ ସେପରି ଅନ୍ୟ ରୀତିରେ ପ୍ରକାଶିତ ହେବ ।

(2) ସଂପୃକ୍ତ ରାଜସ୍ୱ ଅଧିକାରୀ, ସେଚିତ କ୍ଷେତ୍ର ଅଧୀନସ୍ଥ ଜମିର ମାଲିକ ବୋଲି ଜଣାଥିବା ବା ବିଶ୍ୱାସ କରାୟାଉଥିବା ବ୍ୟକ୍ତି ବା ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ବ୍ୟକ୍ତିଗତଭାବେ ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ତାଙ୍କ ସମକ୍ଷରେ ସେଥିରେ ଉଲ୍ଲିଖିତ ସମୟ ଓ ସ୍ଥାନରେ ହାଜର ହେବା ପାଇଁ ଏବଂ ୟଦି (କ) ଅନୁସୂଚୀରେ ଥିବା ଜମିକୁ ସେଚିତ କ୍ଷେତ୍ର ଅଧୀନରେ ଥିବା ଜମି ରୂପେ ଅନ୍ତର୍ଭୁକ୍ତ କରିବା ବା (ଖ) ଉନ୍ନତିମୂଳକ ଦେୟ ଧାର୍ୟ୍ୟ ନିମନ୍ତେ କୌଣସି ଭୂମି ଖଣ୍ଡକୁ ବର୍ଗୀକରଣ କରିବା ବା (ଗ) ଉକ୍ତ ବ୍ୟକ୍ତିଙ୍କ ଠାରୁ ସେହି ଜମି ଉପରେ ପ୍ରସ୍ତାବିତ ଉନ୍ନତିମୂଳକ ଦେୟର ଆରୋପ ଓ ଅସୁଲ କରିବା ବା (ଘ) ଉକ୍ତ ଅନୁସୂଚୀରେ ଥିବା ଅନ୍ୟ କୌଣସି ଦରଜ ସଂକ୍ରାନ୍ତରେ ତାଙ୍କର କୌଣସି ଆପତ୍ତି ଥାଏ, ତେବେ ତାହା ଦାଖଲ କରିବା ପାଇଁ ନୋଟିସ ଦେବେ ।

ତଦନ୍ତ ଓ ନ୍ୟାୟନିର୍ଣ୍ଣୟ ।

6. ଧାରା 5 ଅନୁଯାୟୀ ନୋଟିସରେ ଧାର୍ଯ୍ୟ ତାରିଖରେ ବା ଆପତ୍ତି ଦାଖଲ କରିବା ପାଇଁ ଅନ୍ୟ ଯେଉଁ ତାରିଖକୁ ତାହା ସ୍ଥଗିତ ରହିପାରେ ସେହି ତାରିଖରେ , ସଂପୃକ୍ତ ଅଧିକାରୀ ବିହିତ ରୀତିରେ ଶୁଣାଣି କରିବା ପରେ ଓ ଉକ୍ତ ନୋଟିସ ଅନୁସାରେ ସଂପୃକ୍ତ ବ୍ୟକ୍ତିଙ୍କ ଦ୍ୱାରା ଯଦି କୌଣସି ଆପତ୍ତି ଦାଖଲ କରାଯାଇଥାଏ ତାହାର ଶୁଣାଣି କରିସାରିବା ପରେ ଏକ ନ୍ୟାୟନିର୍ଣ୍ଣୟ କରିବେ । ଉକ୍ତ ନ୍ୟାୟନିର୍ଣ୍ଣୟ ବିହିତ ରୀତିରେ ପ୍ରକାଶିତ ହେବ ଏବଂ ସେଥିରେ ନିମ୍ନଲିଖିତ ବିଷୟମାନ ଉଲ୍ଲେଖ କରାଯିବ –

(କ) ଯୋଜନାରେ ଥିବା ଜଳସେଚିତ କ୍ଷେତ୍ର ଅନ୍ତର୍ଗତ ଜମି;

(ଖ) ଉନ୍ନତିମୂଳକ ଦେୟ ଧାର୍ଯ୍ୟ କରିବା ନିମନ୍ତେ କୌଣସି ଜମିଖଣ୍ଡର ବର୍ଗୀକରଣ;

(ଗ) ସେପରି ପ୍ରତ୍ୟେକ ଜମି ଉପରେ ବସାଣଯୋଗ୍ୟ ଉନ୍ନତିମୂଳକ ଦେୟର ପରିମାଣ;

(ଘ) କେଉଁ ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ଠାରୁ ଉନ୍ନତିମୂଳକ ଦେୟ ଅସୁଲ କରାଯିବ, ଏବଂ

(ଙ) କେଉଁ ତାରିଖରେ ସପରି ଉନ୍ନତିମୂଳକ ଦେୟ ଧାର୍ଯ୍ୟ କରାଯିବ :

ପରନ୍ତୁ ରାଜସ୍ୱ ଅଧିକାରୀ ସେପରି ନ୍ୟାୟନିର୍ଣ୍ଣୟ କରିବା ବେଳେ ସର୍ବଦା ଧାରା 11 ରେ ଥିବା ବ୍ୟବସ୍ଥା ପ୍ରତି ଯଥୋଚିତ ଧ୍ୟାନ ଦେବେ ।

ଉନ୍ନତିମୂଳକ ଦେୟର କିସ୍ତି-ଭୂ-ରାଜସ୍ୱ ପରେ ଉନ୍ନତିମୂଳକ ଦେୟ ପ୍ରଦେୟ ହେବ ।

**7.(1)** ଜଳସେଚିତ କ୍ଷେତ୍ର ଅଧୀନରେ ଥିବା କୌଣସି ଅଞ୍ଚଳରେ ଉନ୍ନତିମୂଳକ ଦେୟ ଯୋଜନାରୁ ଉକ୍ତ ଅଞ୍ଚଳ ପାଇଁ ପ୍ରଥମେ ସେଚନ ସୁବିଧା ଯେଉଁ ଖରିଫ ଋତୁରେ ଯୋଗାଇ ଦିଆଯାଇଥିବ, ତାହାର ପରବର୍ତ୍ତୀ ବର୍ଷର ତା 15 ଅପ୍ରେଲରେ ବା ଧାରା 6 ଅନୁଯାୟୀ ନ୍ୟାୟନିର୍ଣ୍ଣୟ ହେବା ତାରିଖର ଦୁଇମାସ ପରେ- ଏ ଦୁଇଟି ମଧ୍ୟରୁ ଯେଉଁଟି ପରେ ଆସିବ, ସେହି ତାରିଖରେ ପ୍ରଦେୟ ହେବ । ଦେୟ ପ୍ରଦାନ କରିବା ପାଇଁ ଦାୟୀ ବ୍ୟକ୍ତି ଏକ କାଳୀନ ଥୋକ ଆକାରରେ ପ୍ରଦାନ କରିପାରିବେ ବା ବିହିତ ରୀତିରେ ତାହା କିସ୍ତିରେ ପ୍ରଦାନ କରିବା ପାଇଁ ନିଜର ଇଚ୍ଛା ପ୍ରକଟ କରିପାରିବେ ।

(2) ସେପରି କିସ୍ତି ସଂଖ୍ୟା ଓ ତାହା ପ୍ରଦାନ କରିବାର ରୀତି ନିମ୍ନ ମତେ ହେବ –

(କ) ପ୍ରଥମେ ଦୁଇଗୋଟି କିସ୍ତି ଦେୟର ତିରିଶ ଭାଗରୁ ଭାଗେ ଲେଖାଏଁ ହେବ, ଅବଶିଷ୍ଟ ପ୍ରଦେୟ ପରିମାଣ ଆଉ ଚଉଦ ଗୋଟି କିସ୍ତିରେ ପ୍ରଦାନ କରାଯିବ ଯାହାକି ପ୍ରତ୍ୟେକେ ପନ୍ଦର ଭାଗରୁ ଭାଗେ ଲେଖାଏଁ ହେବ ;

(ଖ) ପ୍ରଥମେ କିସ୍ତି, ଉପଧାରା (1) ଅନୁଯାୟୀ ଯେଉଁ ତାରଖରେ ପଥମେ ଦେୟ ପ୍ରଦାନ କରିବାକୁ ଥିବ, ସେହି ତାରିଖରେ ପ୍ରଦାନ କରିବାକୁ ପଡିବ ଏବଂ ପରବର୍ତ୍ତୀ ପ୍ରତ୍ୟେକ କିସ୍ତି, ପୂର୍ବବର୍ତ୍ତୀ କିସ୍ତି ଯେଉଁ ତାରିଖରେ ପ୍ରଦାନ କରାଯାଇଥିବ, ପରବର୍ତ୍ତୀ ବର୍ଷଗୁଡିକରେ ସେହି ତାରିଖରେ ପ୍ରଦାନ କରିବାକୁ ପଡିବ ;

(ଗ) ବକେୟା କିସ୍ତିଗୁଡିକ ପାଇଁ କୌଣସି ସୁଧ ଦେୟ ହେବ ନାହିଁ, କିନ୍ତୁ ଉକ୍ତ ତାରିଖ ସୁଦ୍ଧା ଯଦି ଉନ୍ନତିମୂଳକ ଦେୟର କୌଣସି କିସ୍ତି ପ୍ରଦାନ କରାଯାଇନଥିବ, ତେବେ ତାହା ଉପରେ ଶତକଡା ବାର୍ଷିକ 4¼ ହାରରେ ସୁଧ ପ୍ରଦାନ କରିବାକୁ ପଡିବ :

ପରନ୍ତୁ ସେପରି କିସ୍ତି ଯେଉଁ ତାରିଖରେ ପ୍ରଦାନ କରାଯିବା କଥା, ତାହା ପୂର୍ବରୁ ଉକ୍ତ ପ୍ରଦାନ ତାରିଖ ସୁଦ୍ଧା ଅବଶିଷ୍ଟ ଦେୟ ଉପରେ ଶତକଡା ବାର୍ଷିକ 4¼ ହାରରେ ସୁଧ ସହିତ ଅଗ୍ରୀମଭାବେ ଉକ୍ତ କିସ୍ତି ପ୍ରଦାନ କରାଯାଇ ପାରିବ ।

(3) ଜମି ସଂକ୍ରାନ୍ତରେ ଦେୟ ଭୂ-ରାଜସ୍ୱ ଭିନ୍ନ ଅନ୍ୟ ସମସ୍ତ ଦେୟ ଉପରେ ଏହି ଅଧିନିୟମ ଅନୁଯାୟୀ ବିଧିସମ୍ମତ ଭାବରେ ଉନ୍ନତିମୂଳକ ଦେୟ ଭାବରେ ଅନ୍ୟ କୌଣସି ବକେୟାର ଅଗ୍ରାଧିକାର ବହିବ ଏ ସେହି ପରିମାଣ ପର୍ଯ୍ୟନ୍ତ ଜମି ଉପରେ ଏକ ଦେୟ ରୂପେ ବିବେଚିତ ହେବ ଏବଂ ତାହାକୁ ବେକେୟା ଭୂ-ରାଜସ୍ୱ ଭାବରେ ଅସୁଲ କରାଯିବ ।

(4) ଏହି ଧାରାରେ ଯାହାକିଛି ଥିବା ସତ୍ତ୍ୱେ, ରାଜ୍ୟ ସରକାର ଯେଉଁ ଜମି ଉପରେ ଉନ୍ନତିମୂଳକ ଦେୟ ପ୍ରଦାନଯୋଗ୍ୟ ଅଟେ, ତାହାର ମାଲିକଙ୍କୁ ଉକ୍ତ ଜମି ବା ତାହାର କୋଣସି ଅଂଶକୁ ନିୟମାବଳୀରେ ବିହିତ ହେବା ମତେ ସେପରି ସର୍ତ୍ତରେ ରାଜ୍ୟ ସରକାରଙ୍କ ସପକ୍ଷରେ ତ୍ୟାଗ କରିଦେବା ପାଇଁ ବା ବିନିମୟ କରିବା ପାଇଁ ଅନୁମତି ଦେଇ ପାରିବେ :

ପରନ୍ତୁ ଜମିଟି ଋଣଭାରରୁ ମୁକ୍ତ ନଥିଲେ ସେପରି ତ୍ୟାଗ ବା ବିନିମୟ ପାଇଁ ଅନୁମତି ଦିଆଯିବ ନାହିଁ ।

ନୂତନଭାବେ ପୁନରୁଦ୍ଧାର ହୋଇଥିବା ଜମି ଉପରେ ଉନ୍ନତିମୂଳକ ଦେୟ ।

୮. ଯଦି ସେଚିତ କ୍ଷେତ୍ର ଅଧୀନରେ ସରକାରଙ୍କର ମାଲିକାନା ଥିବା ବା କର୍ତ୍ତୃତ୍ୱ ଥିବା କୌଣସି ପତିତ ଜମି ନୂତନଭାବେ ଲିଜ୍ ରେ ଦିଆଯାଏ, ତେବେ ଏହି ଅଧିନିୟମରେ ବିରୁଦ୍ଧାତ୍ମକ ଯାହାକିଛି ଥିବା ସତ୍ତ୍ୱେ, ଲିଜ୍ ଧାରୀଙ୍କ ଠାରୁ ବିହିତ ରୀତିରେ ସେହି ଅଞ୍ଚଳରେ ପ୍ରଚଳିତ ହାରରେ ଉନ୍ନତିମୂଳକ ଦେୟ ଅସୁଲଯୋଗ୍ୟ ହେବ ।

ମାଫି ଓ ନିଲମ୍ବନ ।

୯. ଯଦି ରାଜ୍ୟ ସରକାରଙ୍କର ହୃଦବୋଧ ହୁଏ ଯେ-

(1) ଜଳସେଚିତ କ୍ଷେତ୍ରରେ କୌଣସି ଜମିର ଫସଲ ଯଦି ବନ୍ୟା, ବାତ୍ୟା କିମ୍ବା କୌଣସି ଅପ୍ରତିରୋଧୀ ଶକ୍ତି ଦ୍ୱାରା ନଷ୍ଟ ହୋଇଯାଇଛି, କିମ୍ବା

(2) ଜମିରେ ପାଣି ଜମି କିମ୍ବା ଲୁଣାମାରି ଚାଷ ଅନୁପଯୋଗୀ ହୋଇଯାଇଛି, କିମ୍ବା

(3) ଜଳଯୋଗାଣ କମିଯିବାରୁ ବା ସେପରି ଅନ୍ୟ କୌଣସି କାରଣରୁ ସେହି କ୍ଷେତ୍ରକୁ ଜଳସେଚିତ କ୍ଷେତ୍ରରୁ ବାଦ ଦିଆଯାଇଛି, କିମ୍ବା

(4) ଦର ଖସିବା ଯୋଗୁଁ କୃଷି ଶିଳ୍ପ ପ୍ରଭାବିତ ହୋଇଥାଏ,

ତେବେ ରାଜ୍ୟ ସରକାର ଏଭଳି ସ୍ଥିତିରେ ଯେପରି ଉଚିତ ମନେ କରିବେ ସେପରି ସର୍ତ୍ତରେ ଉକ୍ତ ଜମି ସଂକାନ୍ତରେ ଉନ୍ନତିମୂଳକ ଦେୟର ଆଦାୟ ସ୍ଥଗିତ ରଖିପାରିବେ, କିମ୍ବା ଉନ୍ନତି ମୂଳକ ଦେୟ କିମ୍ବା ଏହାର କିସ୍ତିକୁ ସଂପୂର୍ଣ୍ଣ ବା ଆଂଶିକ କମ ବା ଛାଡ କରିପାରିବେ :

ପରନ୍ତୁ ଖଣ୍ଡ (3) ଅନୁସାରେ ଯଦି ସଂପୃକ୍ତ ଜମି ରାଜ୍ୟ ସରକାରଙ୍କ ଜଳସେଚିତ କ୍ଷେତ୍ରରୁ ସ୍ଥାୟୀ ରୂପରେ କିମ୍ବା ଦୀର୍ଘ ସମୟ ବାଦ ପଡିଥାଏ, ତେବେ ସେହି ଜମି ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଦେୟ ଉନ୍ନତି ମୂଳକ ଦେୟ ଛାଡ କରିବେ ।

ଅନ୍ୟ କୌଣସି ଦେୟ ପ୍ରଭାବିତ ହେବ ନାହିଁ ।

10. ଏହି ଅଧିନିୟମ ଅଧୀନରେ ଆଦାୟ ହେଉଥିବା ଉନ୍ନତି ମୂଳକ ଦେୟ କୌଣସି ଅଧିନିୟମ ଅନୁଯାୟୀ ଆଦାୟ କରାଯାଉଥିବା ଦେୟକୁ ପ୍ରଭାବିତ କରିବ ନାହିଁ ।

ଉନ୍ନତିମୂଳକ ଦେୟ ପ୍ରଦାନ କରିବାକୁ ଦାୟୀ ବ୍ୟକ୍ତି ।

11. ଉନ୍ନତି ମୂଳକ ଦେୟ ଦଖଲକାରୀ ରୟତ କିମ୍ବା ସେବାକାରୀ ରୟତ ରୂପେ ରେକର୍ଡଭୁକ୍ତ ବ୍ୟକ୍ତିଙ୍କ ଠାରୁ ଆଦାୟ କରାଯିବ :

ପରନ୍ତୁ ଯେଉଁସ୍ଥଳେ ଉକ୍ତ ରୟତ ତାଙ୍କର ଉତ୍ପାଦନର ଖଜଣା ରେକର୍ଡଭୁକ୍ତ ଜମି ମାଲିକଙ୍କୁ ପ୍ରଦାନ କରନ୍ତି, ସେହିସ୍ଥଳେ ସେ ପ୍ରତି ବର୍ଷ ମୋଟ ଉତ୍ପାଦନରୁ ଯେଉଁ ଭାଗ ଉତ୍ପାଦନ ଖଜଣା ରୂପେ ଦେଇଥିବେ, ତାହାର ସମତୁଲ୍ୟ ଭାଗ ଉନ୍ନତିମୂଳକ ଦେୟ ରୂପେ ଉକ୍ତ ଜମି ମାଲିକଙ୍କ ଠାରୁ ଆଦାୟ କରାଯିବ :

ଅଧିକନ୍ତୁ ଜମି ଉପରେ ଉନ୍ନତିମୂଳକ ଦେୟର କେବଳ ଶତକଡା 75 ଭାଗ ସେବା ରୟତ ପ୍ରଦାନ କରିବେ, ଅନ୍ୟ ଶତକଡା 25 ଭାଗ ସେବା ଉଚ୍ଛେଦ ହେବା ପରେ ଯେଉଁ ବ୍ୟକ୍ତିଙ୍କ ପାଖକୁ ଯିବ, ସେ ପ୍ରଦାନ କରିବେ :

ପୁନଶ୍ଚ ଉତ୍ପାଦନ ଖଜଣା ପ୍ରଦାନ କରି ଜଣେ ଦଖଲକାରୀ ରୟତ ବା ସେବା ରୟତଙ୍କ ଅଧୀନରେ ଜଣେ ରୟତ ବା ଉପ-ରୟତ ଭାବେ ଧାରା 6 ଅନୁଯାୟୀ ନ୍ୟାୟନିର୍ଣ୍ଣୟ ତାରିଖରେ ଜମିର ବାସ୍ତବ ଚାଷ କରୁଥିବା ଓ ତତ୍ ସମୟେ ବଳବତ୍ତର ଥିବା କୌଣସି ସାଧାରଣ ବା ବିଶେଷ ବିଧି ଅନୁଯାୟୀ ଉଚ୍ଛେଦ ବିରୁଦ୍ଧରେ ସୁରକ୍ଷା ପାଉଥିବା ଜଣେ ବ୍ୟକ୍ତି ନ୍ୟାୟନିର୍ଣ୍ଣୟ ତାରିଖର ପୂର୍ବବର୍ତ୍ତୀ ବର୍ଷ ମଧ୍ୟରେ ଜମିର ମୋଟ ଉତ୍ପାଦନର ଏକ ଅଂଶ ଉନ୍ନତିମୂଳକ ଦେୟ ରୂପେ ପ୍ରଦାନ କରିବାକୁ ଦାୟୀ ରହିବେ ।

ସ୍ପଷ୍ଟୀକରଣ:- (i) ଏହି ଧାରାରେ " ରେକର୍ଡଭୁକ୍ତ " ଅର୍ଥ ଧାରା 6 ଅନୁଯାୟୀ ନ୍ୟାୟନିର୍ଣ୍ଣୟ ତାରିଖରେ ଜିଲ୍ଲାପାଳଙ୍କ ଜମିଜମା ରେକର୍ଡରେ ରେକର୍ଡଭୁକ୍ତ ହୋଇଥିବା ବା ଯଦି ସେହି ତାରିଖରେ ଉଚିତ ନ୍ୟାୟଳୟରେ ରେକର୍ଡ ଅନ୍ତରଣ ନିମନ୍ତେ ଆବେଦନ କରାଯାଇଥିବ, ତେବେ ଉକ୍ତ ଆବେଦନ ଉପରେ ଚୂଡାନ୍ତ ଆଦେଶରେ ସଂଶୋଧିତ ହୋଇଥିବା ପ୍ରକାରେ ରେକର୍ଡଭୁକ୍ତ ।

(ii) ଅନ୍ତରଣରେ ସମସ୍ତ ପ୍ରକାରର ଅନ୍ତରଣ, ତାହା ପକ୍ଷମାନଙ୍କ ବା ବ୍ୟକ୍ତିମାନଙ୍କ ମଧ୍ୟରେ କୌଣସି ବୁଝାମଣା ଦ୍ଵାରା ହେଉ ବା ବିଧି ଦ୍ଵାରା ହେଉ ବା କୌଣସି ନ୍ୟାୟଳୟର ରାୟ, ଡିକ୍ରି ବା ଆଦେଶ ଦ୍ଵାରା ହେଉ ବା ଅନ୍ୟ କୌଣସି ପ୍ରକାରେ ହେଉ, ଅନ୍ତର୍ଭୁକ୍ତ ଅଟେ ।

(2) ଉପଧାରା (1) ରେ ଯାହାକିଛି ଥିବା ସତ୍ତ୍ୱେ ଓ କୌଣସି ଚୁକ୍ତିରେ ବିପରୀତାତ୍ମକ ଥିବା କୌଣସି ବିଷୟ ପ୍ରତି ସାପେକ୍ଷ ହୋଇ, ଯେଉଁଠାଲେ ଉତ୍ପାଦନ ଖଜଣା ଭିତ୍ତିରେ ଭୂମି ଧାରଣ କରୁଥିବା ଜଣେ ରୟତ, ଭୂ-ସଂସ୍କାର ସଂପର୍କିତ କୌଣସି ବିଧି ବା ତତ୍ ସମୟେ ବଳବତ୍ତର ଥିବା ଅନ୍ୟ କୌଣସି ବିଧି ଅନୁଯାୟୀ ତାଙ୍କର ଭୂମି ମାଲିକଙ୍କ ଦ୍ଵାରା ଉଚ୍ଛେଦ ହୁଅନ୍ତି, ସେହିସ୍ଥଳେ ଉକ୍ତ ଭୂମି ମାଲିକ ସେପରି ଉଚ୍ଛେଦ ନିମନ୍ତେ ସେହି ରୟତଙ୍କୁ ଯାହାକିଛି ପ୍ରଦାନ କରିବା କଥା, ତାହା ସହିତ ଉଚ୍ଛେଦ ପୂର୍ବରୁ ସେ ପ୍ରଦାନ କରିଥିବା ଉନ୍ନତିମୂଳକ ଦେୟର ଅଂଶ ପ୍ରଦାନ କରିବାକୁ ଦାୟୀ ରହିବେ:

ପରନ୍ତୁ ଉପରୋକ୍ତ ପ୍ରକାରେ କୌଣସି ବିଧିର ବ୍ୟବସ୍ଥା ଅନୁପାଳନ କରିବାରେ ଯଦି ରୟତ କୌଣସି ଖିଲାପ କରିଥିବା ହେତୁ ସପରି ଉଚ୍ଛେଦ କରାଯାଇଥାଏ, ତେବେ ଏହି ଉପଧାରାର କୈଣସି ବିଷୟ ଲାଗୁ ହେବ ନାହିଁ ।

ଦାୟିତ୍ୱ ଅନ୍ତରଣ ନିମନ୍ତେ ଆବେଦନ ।

12.(1) ଧାରା 11 ଅନୁଯାୟୀ ଉନ୍ନତିମୂଳକ ଦେୟ ପ୍ରଦାନ କରିବା ପାଇଁ ଦାୟୀ କୌଣସି ବ୍ୟକ୍ତି, ଉନ୍ନତିମୂଳକ ଦେୟ ବା ତାହାର କୌଣସେ ଅଂଶ ବା ଧାରା-7 ଅନୁଯାୟୀ ଧାର୍ଯ୍ୟ କୌଣସି କିସ୍ତି, ଯେଉଁ ତାରିଖରେ ବକେୟା ଥିଲା, ସେହି ତାରିଖରେ ଜମିରେ ଥିବା ତାଙ୍କର ଅଧିକାର ଓ ସ୍ୱାର୍ଥ ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଖକୁ ଚାଲିଯାଇଥିଲା ଏବଂ ତେଣୁ ସେହି ଅନ୍ୟ ବ୍ୟକ୍ତିଙ୍କୁ ଦାୟୀ କରାଯାଉ ବୋଲି ଘୋଷଣା କରିବା ନିମନ୍ତେ ବିହିତ ରୀତିରେ ଆବେଦନ କରିପାରିବେ । ସଂପୃକ୍ତ ପକ୍ଷମାନଙ୍କୁ ବିହିତ ରୀତିରେ ଶୁଣାଣି କରିସାରିବା ପରେ ଉକ୍ତ ପ୍ରାଧିକାରୀ ଯଦି ଜାଣିବାକୁ ପାଆନ୍ତି ଯେ ଏକ ବୈଧ ଅନ୍ତରଣ କରାଯାଇଛି, ତେବେ ସେ ସେପରି ଅନ୍ୟ ବ୍ୟକ୍ତି ବା ବ୍ୟକ୍ତିମାନେ ଉନ୍ନତିମୂଳକ ଦେୟ ବା ଉକ୍ତ ତାରିଖରେ ବକେୟା ଥିବା ତାହାର ଅବଶିଷ୍ଟାଂଶ ପ୍ରଦାନ କରିବା ପାଇଁ ଦାୟୀ ବୋଲି ଘୋଷଣା କରିପାରିବେ ।

ସ୍ପଷ୍ଟୀକରଣ – ଏହି ଧାରା ଉଦ୍ଦେଶ୍ୟରେ-

(i) ଯଦି ଜଣେ ବ୍ୟକ୍ତି ସେପରି ଅଧିକାର ବା ସ୍ୱାର୍ଥକୁ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଅନ୍ତରଣ ନ କରି ଜମି ଧାରଣ ବା ଚାଷ କରିବାରୁ ବିରତ ହୁଅନ୍ତି, ତେବେ ତାଙ୍କର ଅଧିକାର ଓ ସ୍ୱାର୍ଥ ଉକ୍ତ ଜମିମାଲିକଙ୍କ ପାଖକୁ ଚାଲିଯାଇଛି ବୋଲି ବିବେଚିତ ହେବ ।

(ii) ଅନ୍ତରଣରେ ସମସ୍ତ ପ୍ରକାରର ଅନ୍ତରଣ, ତାହା ପକ୍ଷମାନଙ୍କ ବା ବ୍ୟକ୍ତିମାନଙ୍କ ମଧ୍ୟରେ କୌଣସି ବୁଝାମଣା ଦ୍ୱାରା ହେଉ ବା କୌଣସି ନ୍ୟାୟାଳୟର ରାୟ, ଡିକ୍ରି ବା ଆଦେଶ ଦ୍ୱାରା ହେଉ ବା ଅନ୍ୟ କୌଣସି ପ୍ରକାରେ ହେଉ, ଅନ୍ତର୍ଭୁକ୍ତ ଅଟେ ।

(2) ଯଦି ଉକ୍ତ ପ୍ରାଧିକାରୀ ଜାଣିବାକୁ ପାଆନ୍ତି ଯେ, ଧାରା 11 ଅନୁଯାୟୀ ଉନ୍ନତିମୂଳକ ଦେୟ ପ୍ରଦାନ କରିବାକୁ ଦାୟୀ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଯାଇଛି, ତେବେ ସେ ବିହିତ ରିତୀରେ ତଦନ୍ତ କରିବେ ଓ ଉକ୍ତ ବ୍ୟକ୍ତିଙ୍କର ଉତ୍ତରାଧିକାରୀ ଓ ନିରୂପିତ ବ୍ୟକ୍ତି ରୂପେ ଦାୟିତ୍ୱ ନିର୍ବାହ କରିବାକୁ ଦାୟୀ ବ୍ୟକ୍ତି ବା ବ୍ୟକ୍ତିମାନଙ୍କୁ ଅବଧାରଣ କରିବେ; ଯଦି ସେପରି ତଦନ୍ତ କରିବା ପରେ ଉକ୍ତ ପ୍ରାଧିକାରୀ ଜାଣିବାକୁ ପାଆନ୍ତି ଯେ, ଉନ୍ନତିମୂଳକ ଦେୟ ବା ତାହାର କୌଣସି ଅଂଶ ବା ଧାରା -7 ଅନୁଯାୟୀ ଧାର୍ଯ୍ୟ କୌଣସି ପ୍ରଦାନ କରିବା ପାଇଁ ମୃତ ବ୍ୟକ୍ତିଙ୍କ ସ୍ଥାନରେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ରୟତ ବା ଭୂମି ମାଲିକ ରୂପେ ରେକର୍ଡଭୁକ୍ତ କରାଯିବ କଥା, ତେବେ ଉକ୍ତ ପ୍ରଧିକାରୀ ବିହିତ ହେବା ମତେ ସେପରି ଅଧିକତର ତଦନ୍ତ କରିବା ପରେ ଓ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଶୁଣାଣିର ଏକ ସୁଯୋଗ ଦେବା ପରେ ତଦନୁଯାୟୀ ଏକ ଘୋଷଣା କରିବେ ।

(3) ଯଥାସ୍ଥିତି, ଉପଧାରା (1) ବା ଉପଧାରା (2) ଅନୁଯାୟୀ ଏକ ଘୋଷଣା କରାଯିବା ପରେ, ଧାରା 11 ଅନୁଯାୟୀ ଉନ୍ନତିମୂଳକ ଦେୟ ବା ତାହାର ଅବଶିଷ୍ଟାଂଶ ପ୍ରଦାନ କରିବା ଦାୟିତ୍ୱ, ଯେଉଁ ବ୍ୟକ୍ତିମାନଙ୍କୁ ଦାୟୀ ରୂପେ ସେପରି ଘୋଷଣା କରାଯାଇଥିବ ତାହାଙ୍କ ଉପରେ ନ୍ୟସ୍ତ ହେବ ।

ଉନ୍ନତିମୂଳକ ଦେୟର ବକେୟା ନିମନ୍ତେ ବିକ୍ରୟ ବିରୁଦ୍ଧରେ ଜମିର ସୁରକ୍ଷା ।

13.(1) ଯେଉଁ ଜମି ଉପରେ ଉନ୍ନତିମୂଳକ ଦେୟ ପ୍ରଦାନଯୋଗ୍ୟ ଅଟେ, ସେଥିରେ ସ୍ୱାର୍ଥଜଡିତ କୌଣସି ବ୍ୟକ୍ତି, ଉନ୍ନତିମୂଳକ ଦେୟର ବକେୟା ନିମନ୍ତେ ଜମିକୁ ବିକ୍ରୟରୁ ସୁରକ୍ଷା କରିବା ସକାଶେ ବକେୟା ଦେୟ ପରିଶୋଧ କରିପାରିବେ ଏବଂ ତାହାପରେ ସେ ଉକ୍ତ ପରିମାଣ, ତାହା ପ୍ରଦାନ କରିବା ନିମନ୍ତେ ଦାୟୀ ବ୍ୟକ୍ତିମାନଙ୍କ ଠାରୁ ସେମାନଙ୍କର ସ୍ୱସ୍ୱ ଦାୟିତ୍ୱ ଅନୁସାରେ ଅସୁଲ କରିବା ପାଇଁ ଏତଦୁପଲକ୍ଷେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କୁ ଆବେଦନ କରିପାରିବେ ।

(2) ଉପଧାରା(1) ଅନୁଯାୟୀ ଅସୁଲ ନିମନ୍ତେ ଏକ ଆବେଦନକୁ ରାଜସ୍ୱ ଅଧିକାରୀ, ସିଭିଲ ପ୍ରକ୍ରିୟା ସଂହିତା 1908 ଅନୁସାରେ ଧନ ଅସୁଲ ନିମନ୍ତେ ଦାଏର ହୋଇଥିବା ଏକ ମକଦ୍ଦମାକୁ ଯେଉଁ ରୀତିରେ ବିଚାର କରାଯାଏ, ସେହି ସମାନ ରୀତିରେ ବିଚାର କରିବେ, ଏବଂ ଉକ୍ତ ଆବେଦନ ଉପରେ

ପାରିତ ଏକ ଆଦେଶର ଏପରି ବଳ ଓ ପ୍ରଭାବ ରହିବ, ଯାହାକି ଉକ୍ତ ସଂହିତା ଅନୁଯାୟୀ ସିଭିଲ ନ୍ୟାୟାଳୟ ଦ୍ୱାରା ଧନ ଅସୁଲ ନିମନ୍ତେ ଏକ ଡିକ୍ରିର ବଳ ଓ ପ୍ରଭାବ ଅଛି ।

ଅପିଲ ।

14. ଧାରା 6 ଅନୁଯାୟୀ ଏକ ନ୍ୟାୟନିର୍ଣ୍ଣୟ ବା ଧାରା 12 ର ଉପଧାରା(1) ବା (2) ଅନୁଯାୟୀ ଏକ ଘୋଷଣା ବା ଧାରା 13 ଅନୁଯାୟୀ ଏକ ଆଦେଶ ଦ୍ୱାରା ଯଦି କୌଣସି ବ୍ୟକ୍ତି କ୍ଷୁବ୍ଧ ହୁଅନ୍ତି, ତେବେ ସେ ଯଥାକ୍ରମେ, ଉକ୍ତ ନ୍ୟାୟନିର୍ଣ୍ଣୟ, ଘୋଷଣା ବା ଆଦେଶ ଦିଆଯିବା ତାରିଖ ଠାରୁ ଷାଠିଏ ଦିନ ମଧ୍ୟରେ ଉନ୍ନତିମୂଳକ ଦେୟର ସଂଗ୍ରାହକଙ୍କ ନିକଟରେ ଅପିଲ କରିପାରିବେ । ବିହିତ ରୀତିରେ ଅପିଲ ଫଏସଲା ହେବ :

ପରନ୍ତୁ ଧାରା 6 ଅନୁଯାୟୀ ଏକ ନ୍ୟାୟନିର୍ଣ୍ଣୟ ବିରୁଦ୍ଧରେ ଏକ ଅପିଲରେ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଜମି ନିମନ୍ତେ ଧାର୍ଯ୍ୟ ଉନ୍ନତିମୂଳକ ଦେୟର ହାରକୁ ପ୍ରଶ୍ନ କରାଯାଇପାରିବ ନାହିଁ ଏବଂ ଅପିଲରେ ତାହା ପରିବର୍ତ୍ତନ କରାଯାଇପାରିବ ନାହିଁ ।

ରାଜସ୍ୱ ବୋର୍ଡ ଦ୍ୱାରା ପୁନରୀକ୍ଷଣ ।

**15.**(1) ରାଜସ୍ୱ ବୋର୍ଡ ସ୍ୱତଃ ପ୍ରବୃତ୍ତ ଭାବରେ ବା ବିହିତ ସମୟ ମଧ୍ୟରେ ଜଣେ କ୍ଷୁବ୍ଧ ବ୍ୟକ୍ତିଙ୍କ ଠାରୁ ଆବେଦନ ପାଇଲେ, ଧାରା 6 ବା 12 ର ଉପଧାରା (1) ଓ (2) ବା ଧାରା 13 ଅନୁଯାୟୀ କୌଣସି ତଦନ୍ତ ବା ଧାରା 14 ଅନୁଯାୟୀ କୌଣସି ଅପିଲ ବା କାର୍ଯ୍ୟବିଧିର ବୈଧତା ବା ନିୟମିତତା ସଂକ୍ରାନ୍ତରେ ନିଜର ହୃଦବୋଧ ହେବା ପାଇଁ ଉକ୍ତ ତଦନ୍ତ ବା କାର୍ଯ୍ୟବିଧିର ରେକର୍ଡ ମଗାଇ ତାହା ପରୀକ୍ଷା କରିପାରିବେ ଏବଂ ଯଥାସ୍ଥିତ, ନ୍ୟାୟନିର୍ଣ୍ଣୟ ବା ଘୋଷଣା ବା ଆଦେଶ ବା ଉନ୍ନତିମୂଳକ ଦେୟ ସଂଗ୍ରାହଙ୍କ ନିଷ୍ପତ୍ତିକୁ କାଏମ୍ ରଖିପାରିବେ ବା ମାର୍ଜିତ କରିପାରିବେ ବା ଓଲଟାଇ ପାରିବେ :

ପରନ୍ତୁ ଧାରା 6 ଅନୁଯାୟୀ କୌଣସି ତଦନ୍ତ ସଂପର୍କରେ ଧାରା 3 ଅନୁସାରେ କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀର ଜମି ଉପରେ ଧାର୍ଯ୍ୟ କରାଯାଇଥିବା ଉନ୍ନତିମୂଳକ ଦେୟର ହାରକୁ ମାର୍ଜିତ ବା ଓଲଟା ଯାଇପାରିବ ନାହିଁ କି ସେଥିରେ ଅନ୍ୟଥା ହସ୍ତକ୍ଷେପ କରାଯିବ ନାହିଁ :

ଅଧିକନ୍ତୁ ଉନ୍ନତିମୂଳକ ଦେୟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଦିଆଯାଇଥିବା ଆଦେଶକୁ ସଂପୃକ୍ତ ପକ୍ଷମାନଙ୍କୁ ଶୁଣାଣିର ଏକ ସୁଯୋଗ ନ ଦେଇ କୌଣସି ପକ୍ଷଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ପରି କୌଣସି ପରିବର୍ତ୍ତନ କରାଯିବ ନାହିଁ ।

(2) ଉପ-ଧାରା (1) ରେ ଯାହାକିଛି ଥିବା ସତ୍ତ୍ୱେ, ସେଥିରେ ବିନିର୍ଦ୍ଦିଷ୍ଟ ନ୍ୟାୟନିର୍ଣ୍ଣୟ, ଘୋଷଣା, ଆଦେଶ ବା ନିଷ୍ପତ୍ତିକୁ ଯଥାସ୍ଥିତି, ଉକ୍ତ ନ୍ୟାୟନିର୍ଣ୍ଣୟ, ଘୋଷଣା, ଆଦେଶ ବା ନିଷ୍ପତ୍ତି ତାରିଖ ଠାରୁ ଦୁଇ ବର୍ଷ ଅବସାନ ହେବା ପରେ ତାହାକୁ ମାର୍ଜିତ ବା ଓଲଟାଯାଇପାରିବ ନାହିଁ ।

ଆଦେଶର ଚୂଡାନ୍ତତା ।

16. ଧାରା 15 ଅନୁୟାୟୀ ରାଜସ୍ୱବୋର୍ଡ ଦ୍ୱାରା ପୁନରୀକ୍ଷଣରେ ପାରିତ ଏକ ଆଦେଶ ଓ ସେପରି ଆଦେଶ ପ୍ରତି ସାପେକ୍ଷ ହୋଇ ଧାରା 14 ଅନୁୟାୟୀ ଅପିଲରେ ଉନ୍ନତିମୂଳକ ଦେୟର ସଂଗ୍ରାହଙ୍କ ନିଷ୍ପତ୍ତି ଏବଂ ରାଜସ୍ୱବୋର୍ଡଙ୍କ ଆଦେଶ ଓ ଉନ୍ନତିମୂଳକ ଦେୟର ସଂଗ୍ରାହଙ୍କ ନିଷ୍ପତ୍ତି ପ୍ରତି ସାପେକ୍ଷ ହୋଇ ଧାରା 6 ଅନୁୟାୟୀ ଦିଆୟାଇଥିବା ନ୍ୟାୟନିର୍ଣ୍ଣୟ, ଘୋଷଣା ବା ଆଦେଶ ଧାରା 12 ର ଉପ-ଧାରା (1) ଓ (2) ତଥା ଧାରା 13 ଅନୁୟାୟୀ ଚୂଡାନ୍ତ ହେବ ।

ଦେୱାନି ନ୍ୟାୟାଳୟର ଅଧିକାରିତା ପ୍ରତି ପ୍ରତିବଂଧ ।

17. ଏହି ଅଧିନିୟମ ଅନୁୟାୟୀ କରାୟାଇଥିବା ବା କରାୟିବାକୁ ଥିବା କୌଣସି ବିଷୟ ସଂପର୍କରେ କୌଣସି ଦେୱାନି ନ୍ୟାୟଳୟର ଅଧିକାରିତା ରହିବ ନାହିଁ ।

ହାନିର କ୍ଷତିପୂର୍ତ୍ତି ।

18. କେନାଲରେ ଜଳୟୋଗାଣରେ ଅସ୍ଥାୟୀ ବ୍ୟାଘାତ ବା ଜଳୟୋଗାଣ ବନ୍ଦ ହେବା ୟୋଗୁଁ ବା ସରକାରଙ୍କ କର୍ତ୍ତୃତ୍ୱ ବାହାରେ ଥିବା କୌଣସି କାରଣରୁ ବା କେନାଲରେ କୌଣସି ମରାମତି, ପରିବର୍ତ୍ତନ କରାୟାଉଥିବା ହେତୁ ବା ସେଥିରେ ଜଳପ୍ରବାହକୁ ବିନିୟମିତ କରିବା ପାଇଁ କୌଣସି କାର୍ୟ୍ୟ କରାୟାଉଥିବା ହେତୁ ବା କେନାଲ ଅଧିକାରୀଙ୍କ ବିବେଚନା ମତେ ସେଚନର ନିୟମିତ ଧାରାର ରକ୍ଷଣାବେକ୍ଷଣ ନିମନ୍ତେ କୌଣସି କାର୍ୟ୍ୟ କରାୟିବାର ଆବଶ୍ୟକ ହେତୁ କ୍ଷତିପୂରଣ ନିମନ୍ତେ ବା ଉନ୍ନତିମୂଳକ ଦେୟର ଫେରସ୍ତ ନିମନ୍ତେ, ଧାରା 9 ପ୍ରତି ସାପେକ୍ଷ ହୋଇ, ସରକାରଙ୍କ ବିରୁଦ୍ଧରେ କୌଣସି ଦାବି ଆଗତ କରାୟାଇପାରିବ ନାହିଁ ।

ବିଧିକ କାର୍ୟ୍ୟବିଧିରୁ କ୍ଷତିପୂର୍ତ୍ତି ।

19.ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁୟାୟୀ ସଦ୍ ବିଶ୍ୱାସରେ କରାୟାଇଥିବା ବା କରାୟିବା ପାଇଁ ଉଦ୍ଦିଷ୍ଟ ଥିବା କୌଣସି ବିଷୟ ସଂକ୍ରାନ୍ତରେ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା, ଅଭିୟୋଜନ ବା ଅନ୍ୟ ବିଧିକ କାର୍ୟ୍ୟବିଧି ଦାଏର କରାୟିବ ନାହିଁ।

ବ୍ୟକ୍ତି ଇତ୍ୟାଦିଙ୍କୁ ସମନ କରିବା ପାଇଁ ରାଜସ୍ୱ ଓ କେନାଲ ଅଧିକାରୀଙ୍କ କ୍ଷମତା ।

20. ରାଜସ୍ୱ ଅଧିକାରୀ, କେନାଲ ଅଧିକାରୀ ବା ସେମାନଙ୍କ ମଧ୍ୟରୁ ୟାହାଙ୍କ ଦ୍ୱାରା ବି ପ୍ରାଧିକୃତ ଅନ୍ୟ କୌଣସି ଅଧିକାରୀ ବା ଧାରା 12 ଅନୁସାରେ ବିହିତ ପ୍ରାଧିକାରୀଙ୍କର ନିମ୍ନଲିଖିତ ବିଷୟଗୁଡିକ ସଂକ୍ରାନ୍ତରେ ସେହି ସମସ୍ତ କ୍ଷମତା ରହିବ, ୟାହା ଏକ ମକଦ୍ଦମା ବିଚାର କରିବା ବେଳେ ଦେୱାନି ପ୍ରକ୍ରିୟା ସଂହିତା 1908 ଅନୁୟାୟୀ ଏକ ଦେୱାନି ନ୍ୟାୟଳୟ ଉପରେ ନ୍ୟସ୍ତ ହୋଇଛି ୟଥା :-

(କ) କୌଣସି ବ୍ୟକ୍ତିଙ୍କ ଉପସ୍ଥିତିକୁ ବାଧ୍ୟ କରିବା ଓ ତାଙ୍କୁ ସଶପଥ ବା ସତ୍ୟନିଷ୍ଠ କରି ପରୀକ୍ଷା କରିବା,

(ଖ) କୌଣସି ଦସ୍ତାବିଜ ଦାଖଲ କରିବାକୁ ବାଧ୍ୟ କରିବା,

ଏବଂ ରାଜସ୍ୱ ଅଧିକାରୀ, କେନାଲ ଅଧିକାରୀ ବା ସେମାନଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ କୌଣସି ଅଧିକାରୀଙ୍କ ସମକ୍ଷରେ ଏହି ଅଧିନିୟମ ଅନୁୟାୟୀ କୌଣସି କାର୍ୟ୍ୟବିଧି, ଭାରତୀୟ ଦଣ୍ଡ ସଂହିତାର ଧାରା

193 ଓ 228 ର ଅର୍ଥ ଅନୁସାରେ ଏବଂ ଧାରା 196 ଉଦ୍ଦେଶ୍ୟରେ ଏକ ନ୍ୟାୟିକ କାର୍ଯ୍ୟବିଧି ରୂପେ ବିବେଚିତ ହେବ ।

ନିୟମାବଳୀ ପ୍ରଣୟନ କରିବା କ୍ଷମତା ।

21.(1)ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର, ସରକାରୀ ଗେଜଟରେ ପ୍ରକାଶନ କରି ନିୟମାବଳୀ ପ୍ରଣୟନ କରିପାରିବେ ।

(2) ବିଶେଷ କରି ଓ ପୂର୍ବୋକ୍ତ କ୍ଷମତାଗୁଡ଼ିକର ବ୍ୟାପକତା ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ, ଉକ୍ତ ନିୟମାବଳୀର ନିମ୍ନଲିଖିତ ସମସ୍ତ ବା ଯେକୌଣସି ବିଷୟ ପାଇଁ ବ୍ୟବସ୍ଥା କରାଯାଇ ପାରିବ, ଯଥା :-

(କ)ଧାରା 4 ଅନୁଯାୟୀ ଅନୁସୂଚୀ ପ୍ରସ୍ତୁତ କରିବା ନିମନ୍ତେ ସମୟ ଧାର୍ଯ୍ୟ କରିବା ;

(ଖ) କେଉଁ ଫାର୍ମରେ ଧାରା 4 ଅନୁଯାୟୀ ଅନୁସୂଚୀ ପ୍ରସ୍ତୁତ କରାଯିବ ;

(ଗ) ଧାରା 4 ଅନୁଯାୟୀ ପ୍ରସ୍ତୁତ ଅନୁସୂଚୀ ଓ ଧାରା 6 ଅନୁଯାୟୀ କରାଯାଇଥିବା ନ୍ୟାୟନିର୍ଣ୍ଣୟର ପ୍ରକାଶନ ପଦ୍ଧତି ;

(ଘ) ଧାରା 4 ଅନୁଯାୟୀ ନୋଟିସ ଜାରି କରାଯିବା ରୀତି ;

(ଙ) ଧାରା 6 ଓ ଧାରା 12 ଅନୁଯାୟୀ ତଦନ୍ତ କରିବା ଓ ଧାରା 13 ଅନୁଯାୟୀ କାର୍ଯ୍ୟବିଧି ସଂଚାଳନ କରିବା ରୀତି ;

(ଚ) ଧାରା 6 ଅନୁଯାୟୀ କରାଯାଇଥିବା ନ୍ୟାୟନିର୍ଣ୍ଣୟର ଫର୍ମ ;

(ଛ) ଧାରା 14 ଅନୁଯାୟୀ ଅପିଲ ସଂପର୍କିତ ପ୍ରକ୍ରିୟା ଓ ସେପରି ଅପିଲର ଫଏସଲା କରିବାର କାର୍ଯ୍ୟପ୍ରଣାଳୀ ;

(ଜ) ଧାରା 12 ଅନୁଯାୟୀ କାର୍ଯ୍ୟବିଧି ସଂଚାଳନ କରିବା ନିମନ୍ତେ ପ୍ରାଧିକାରୀ ; ଏବଂ

(ଝ) ଏହି ଅଧିନିୟମ ଅନୁଯାୟୀ ଅନ୍ୟ ଯେଉଁ ବିଷୟ ଆବଶ୍ୟକ ହୋଇପାରେ ବା ବିହିତ ହୋଇପାରେ ।

ଅସୁବିଧା ଦୂର କରିବା କ୍ଷମତା ।

22. ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଯଦି କୌଣସି ଅସୁବିଧା ଉପୁଜେ, ତେବେ ରାଜ୍ୟ ସରକାର ଉକ୍ତ ଅସୁବିଧାକୁ ଦୂର କରିବା ଉଦ୍ଦେଶ୍ୟରେ ଆବଶ୍ୟକତା ଅନୁଯାୟୀ ତାହାଙ୍କୁ ଆବଶ୍ୟକ ପ୍ରତୀତ ହେବା ମତେ, ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ସହିତ ଅସଂଗତ ହେଉ ନଥିବା ଯେକୌଣସି ବିଷୟ, ଆଦେଶ ଦ୍ୱାରା କରିପାରିବେ ।